ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR (OD)/CS-GA-980-17/09/21



## ବ୍ୟବସ୍ଥିତ ହେଲା ସବୁ ସହରାଞ୍ଚଳରେ ବୈଦତୁକ ବର୍ଜ୍ୟ ସଂଗ୍ରହ

## ବ୍ୟବସ୍ଥାର ସଦୁପଯୋଗ ନିମନ୍ତେ ଜନସାଧାରଣଙ୍କୁ ମୁଖ୍ୟ ଶାସନ ସଚିବଙ୍କ ଅନୁରୋଧ

**ଭୁବନେଶ୍ୱର, ୧୭/୦୯/୨୧**

ସରକାରଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ ସମସ୍ତ ସହରାଞ୍ଚଳରେ ବୈଦ୍ୟୁତିକ-ବର୍ଜ୍ୟ ସଂଗ୍ରହ ବ୍ୟବସ୍ଥାକୁ ବ୍ୟବସ୍ଥିତ କରାଯାଇଛି । ରାଜ୍ୟର ୧୧୪ ଟି ସହରାଞ୍ଚଳରେ ପ୍ରତି ସପ୍ତାହ ଶନିବାର ଦିନ ବୈଦୁତିକ-ବର୍ଜ୍ୟ ଏବଂ ବାସଗୃହ ପାଇଁ ବିପଦପୂର୍ଣ୍ଣ-ବର୍ଜ୍ୟ ଗୁଡ଼ିକ ସଂଗ୍ରହ କରାଯାଉଛି ।

ଏହି ବ୍ୟବସ୍ଥାର ସଦୁପଯୋଗ କରି ନିଜ ନିଜ ପରିବେଶକୁ ଇ-ବର୍ଜ୍ୟ ଜାତ ବିଷାକ୍ତ ପ୍ରଦୂଷଣ ବଳୟରୁ ରକ୍ଷାକରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ସବୁ ସହରାଞ୍ଚଳବାସୀମାନଙ୍କୁ ଅନୁରୋଧ କରିଛନ୍ତି । ଇ-ବର୍ଜ୍ୟ ଏବଂ ଅନ୍ୟାନ୍ୟ ବିପଦ ପୂର୍ଣ୍ଣ-ବର୍ଜ୍ୟ ଏଣେତେଣେ ପକାଇଲେ ମାଟି ଓ ପାଣି ବିଶେଷଭାବେ ବିଷାକ୍ତ ହୁଏ । ଏହା ବାୟୁକୁ ମଧ୍ୟ ପ୍ରଦୂଷିତ କରେ, ତେଣୁ ଏହି ବର୍ଜ୍ୟ ଗୁଡ଼ିକୁ ଅଲଗା ରଖି ପ୍ରତି ଶନିବାର ଦିନ ବର୍ଜ୍ୟ ସଂଗ୍ରହ ଗାଡ଼ିରେ ଦେବା ପାଇଁ ଶ୍ରୀ ମହାପାତ୍ର ଅନୁରୋଧ କରିଛନ୍ତି ।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ପ୍ରାୟ ୫ ସପ୍ତାହ ତଳେ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକୁ ଇତି ମଧ୍ୟରେ ସବୁ ସହରାଞ୍ଚଳରେ ସୁବ୍ୟବସ୍ଥିତ କରାଯାଇଛି । ଅନ୍ୟାନ୍ୟ ଅଳିଆପରି ଘରକୁ ଘର ଏହା ସଂଗ୍ରହ କରାଯାଉଛି । ସଂଗ୍ରହପରେ ପ୍ରତି ସହରାଞ୍ଚଳରେ ପ୍ରସ୍ତୁତ କରାଯାଇଥିବା ବର୍ଜ୍ୟ ରୁ ସଂପଦ କେନ୍ଦ୍ରରେ ଥିବା ଇ-ବର୍ଜ୍ୟ ଏବଂ ଘରୋଇ-ବର୍ଜ୍ୟ କର୍ଣ୍ଣରରେ ଅଲଗା ଅଲଗା ରଖାଯାଉଛି । ବର୍ଜ୍ୟ ପୃଥକୀକରଣ ପ୍ରକ୍ରିୟାରେ ନିୟୋଜିତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ସେସବୁକୁ ଭିନ୍ନଭିନ୍ନ ଭାବେ ଓଜନ କରି ଆମ ସହର ମୋବାଇଲ୍ ଆପ୍‌ରେ ଓଜନ ପରିମାଣ ତଥ୍ୟ ଅପଲୋଡ୍ କରୁଛନ୍ତି । ଓଡ଼ିଶା ପ୍ରଦୂଷଣ ବୋର୍ଡଙ୍କ ଦ୍ୱାରା ସ୍ୱୀକୃତ ଓ ଲାଇସେନ୍‌ସ୍ ପ୍ରାପ୍ତ ଇ-ବର୍ଜ୍ୟ ପ୍ରକ୍ରିୟାକରଣ ସଂସ୍ଥା ମାନେ ସହରାଞ୍ଚଳରୁ ଏହି ବର୍ଜ୍ୟ ସଂଗ୍ରହ କରି ନିର୍ଦ୍ଧାରିତ ନିୟମ ଅନୁସାରେ ପ୍ରକ୍ରିୟାକରଣ କରୁଛନ୍ତି ।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ଇ-ବର୍ଜ୍ୟଭାବେ ମୁଖ୍ୟତଃ କମ୍ପ୍ୟୁଟର ମନିଟର, କିବୋର୍ଡ, ମାଉସ୍, ମୋବାଇଲ୍ ଫୋନ୍, ବୈଦ୍ୟୁତିକ ଖେଳନା, ବୈଦ୍ୟୁତିକ ଯନ୍ତ୍ରପାତି, ଷ୍ଟାବିଲାଇଜର୍, ପିଗ୍‌ମେଟ୍, ଟିଭି, ଡିଜିଟାଲ୍ ସେଟ୍‌ଅପ୍ ବକ୍ସ, ରେଫ୍ରିଜେରେଟର ଏବଂ ବିଷାକ୍ତ ବସ୍ତୁ ଥିବା ବିଭିନ୍ନ ଉପକରଣ ଆଦି ସଂଗ୍ରହ ହେଉଛି । ସେହିଭଳି ଟ୍ୟୁବ୍ ଲାଇଟ୍, ଇଲେକ୍‌ଟ୍ରିକ୍ ବଲ୍, ରଙ୍ଗଡବା, ଅବଧିକାଳ ସରିଥିବା ଔଷଧ, ଥର୍ମୋମିଟର, ବ୍ୟାଟେରୀ, ଛୁଞ୍ଚି ବ୍ୟବହାର ହୋଇସାରିଥିବା ସିରିଞ୍ଜ୍, ପ୍ରଦୂଷିତ ହୋଇଥିବା ଗଜ୍‌କନା ଆଦିକୁ ବିପଦପୂର୍ଣ୍ଣ ଘରୋଇ-ବର୍ଜ୍ୟଭାବେ ସଂଗ୍ରହ କରାଯାଇଛି ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ